ପ୍ରେସନୋଟ୍

# କରୋନା କୋଭିଡ-୧୯ର ଚିକିତ୍ସା ନିମନ୍ତେ ନିଯୁକ୍ତି ପାଇଲେ ୭ ଜଣ ଆୟୁଷ ଡାକ୍ତର ।

ଅନୁଗୋଳ,୧୪.୫ :- ସାମ୍ପ୍ରତିକ ପରିସ୍ଥିତିରେ କରୋନା କୋଭିଡ-୧୯ ମହାମାରିର ସଠିକ୍ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଗତକାଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ନିର୍ଦ୍ଦେଶକ୍ରମେ କରୋନା କୋଭିଡ-୧୯ ର ଚିକିତ୍ସା ନିମନ୍ତେ ୭ ଜଣ ଆୟୁଷ ଡାକ୍ତରଂକ ନିଯୁକ୍ତି ନିମନ୍ତେ ଏକ ସାକ୍ଷାତକାର (Walk in interview) ମାଧ୍ୟମରେ ୪ ଜଣ ହୋମିଓପ୍ୟାଥି ଓ ୩ ଜଣ ଆୟୁର୍ବେଦ ଡାକ୍ତରଂକୁ ଚୟନ କରାଯାଇଛି । ପ୍ରକାଶଥାଉ କି ଏହା ପୂର୍ବରୁ ଜିଲ୍ଲାରେ କରୋନା କୋଭିଡ-୧୯ର ଚିକିତ୍ସା ନିମନ୍ତେ ୧୬୭ ଜଣ ପାରାମେଡିକାଲ ଷ୍ଟାଫଙ୍କୁ ଜୁନ୍ ମାସ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା । ଗତକାଲି ଅନୁଷ୍ଠିତ ସାକ୍ଷାତକାର(Walk in interview) ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରତାପ କୁମାର ବେହେରା,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଦିଲିପ କୁମାର ପଟ୍ଟନାୟକ, ସମ୍ବଲପୁର ଜିଲ୍ଲା ହୋମିଓପାଥି ଅଧିକାରୀ ଡା.ତ୍ରିନାଥ ବାରା,ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଲାଓଚନ୍ଦ୍ର ତନ୍ତି ଓ ଡେପୁଟୀ କଲେକ୍ଟର ଶ୍ରୀ ସୁବ୍ରତ ବେହେରା ଜିଲ୍ଲାପାଳଂକ ପ୍ରତିନିଧି ଭାବେ ଉପସ୍ଥିତ ଥିଲେ । ଏହି ସାକ୍ଷାତକାର ପାଇଁ ୧୪ ଜଣ ଆବେଦନକାରୀ ଆସିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୪୭ ତା.୧୪.୫.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୪/୫/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।